ଧରିତ୍ରୀ
DHARITRI
ଶୁକ୍ରବାର, ୧୮ ନଭେମ୍ବର, ୨୦୨୨

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କପ୍ତିପଦା,(ଡି.ଏନ.ଏ)- ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଜଣେ ଯୁବକ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ସେ ହେଲେ ଜେମାଦାର ସିଂ। ଗୁରୁବାର ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଏକ ଭାଲୁ ହଠାତ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଶରତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଉଦଳା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### ବସ୍ ଓଲଟି ୧୦ ଆହତ



**ଠାକୁରମୁଣ୍ଡା,୧୭।୧୧(ଡି.ଏନ.ଏ.):** ଭୁବନେଶ୍ୱରରୁ ଝାଡ଼ଖଣ୍ଡ ଅଞ୍ଚଳର କୁମାରଡୁମୁରିକୁ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ (ସାଗର ଆଣ୍ଡ୍ ସାଗର) ବୁଧବାର ରାତିରେ ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ଚିଆଁବେଡ଼ା ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିବାରୁ ୧୦ ଯାତ୍ରୀ ଆହତ ହୋଇଛନ୍ତି। ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତ ଯାତ୍ରୀମାନେ ବାଦାମପାହାଡ଼ ଓ କୁମାରଡୁମୁରି ଅଞ୍ଚଳର ବୋଲି ଜଣାପଡ଼ିଛି। ମହୁଲଡ଼ିହା ଥାନା ପୋଲିସ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି।

### ପିକ୍ଅପ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଢେଙ୍କିକୋଟ୍,୧୭।୧୧(ଡି.ଏନ.ଏ):** କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ ବରବେଡ଼ା ଗ୍ରାମ ନିକଟରେ ଏକ ପିକ୍ଅପ ଭ୍ୟାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଟିକିରା ଗ୍ରାମର ରାବଣ ନାଏକ (୪୦)। ଦୁର୍ଘଟଣା ଘଟାଇଥିବା ପିକ୍ଅପ୍ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ରାବଣ ଗୁରୁବାର ପୂର୍ବାହ୍ନରେ ଇଟାଭାଟିକୁ କାମ କରିବାକୁ ଯାଉଥିଲେ। ବରବେଡ଼ା ଗ୍ରାମ ନିକଟରେ ୨୦ ନଂ. ଜାତୀୟ ରାଜପଥ ପାରି ହେଉଥିବା ସମୟରେ ଘଟଗାଁରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ପିକ୍ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧିକାରୀ ସବ୍ ଇନ୍ସପେକ୍ଟର ତରଣୀ ସେନ ବାଗ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନା କେସ୍ ନଂ.-୧୪୩/୨୨ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି।

### ସାଇକେଲରୁ ପଡ଼ି ବୃଦ୍ଧ ମୃତ

**ବାହାନଗା, ୧୭।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନାଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ଉପରେ ସାଇକେଲ ଯୋଗେ ଯାଉଥିବା ଜଣେ ବୃଦ୍ଧ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି । ସେ ହେଲେ ବାହାନଗା ଅଞ୍ଚଳର ଭାନୁ ଚନ୍ଦ୍ର ପଣ୍ଡା। ସେ ନିଜ ସାଇକେଲ ଯୋଗେ ବଜାରରୁ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥ ଉପରେ ପଡିଯାଇଥିଲେ। ତେବେ ସେଠାରେ ଥିବା ଲୋକମାନେ ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ତେବେ ସୋର ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ଗଡପୋଖରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଇରା, ୧୭।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ଉପ୍ରା ବିଦ୍ୟାଳୟରେ ସୋମବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଦାସ ପୌରୋହିତ୍ୟ କରିଥିଲେ। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ମାନସିକ ଚାପରୁ ମୁକ୍ତି ଦେବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ସାଧନ ସଂଯୋଜକ ଶ୍ରୀଧର ବେହେରା ମୁଖ୍ୟବକ୍ତା, ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ ମିଶ୍ର, ଓଷ୍ଟା ବ୍ଲକ ସଭାପତି ପ୍ରଫୁଲ୍ଲ ଦାସ, ପ୍ରାକ୍ତନ ସଭାପତି ଦାମୋଦର ସେଣ୍ଠ, ସରପଞ୍ଚ ଟିକିରାଣୀ ସେଠୀ, ସମିତିସଭ୍ୟ ଶତ୍ରୁଘ୍ନ ସେଠୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁକାନ୍ତ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ପରେଶ ଦକ୍ଷିଣରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଖଣି ଅଞ୍ଚଳ ଏବେ ଶସ୍ୟଶ୍ୟାମଳା

## ପରିବା ଚାଷ କରି ଆତ୍ମନିର୍ଭଶୀଳ ହୋଇଛନ୍ତି ଗଙ୍ଗା

**ଯୋଡ଼ା, ୧୭।୧୧(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳ, ଭୌଗୋଳିକ ଦୃଷ୍ଟିକୋଣରୁ ବଣ ପାହାଡ଼ ଘେରା ଏହି ଅଞ୍ଚଳରେ ରାଜ୍ୟର ଅନେକ ଛୋଟ ବଡ଼ ଲୁହାପଥର ଖଣି ରହିଛି। ଏଠାକାର ମାଟି ପଥୁରିଆ ହୋଇଥିବାରୁ ଚାଷ କରିବା ଏତେ ସହଜ ହୋଇ ନ ଥାଏ। ଏହି ମାଟିରେ ପରିବା ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ସଫଳଚାଷୀ ଗଙ୍ଗା ମୁଣ୍ଡା। ଖଣି ଅଞ୍ଚଳକୁ ସବୁଜିମା ତଥା ଶସ୍ୟଶ୍ୟାମଳାରେ ପରିଣତ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ତାଙ୍କ ଦ୍ୱାରା ଉତ୍ପାଦିତ, ବାଇଗଣ, କୋବି, ବିନ୍ସ, ବିଲାତି ପ୍ରଭୃତି ପରିବା ବ୍ୟବସାୟୀମାନେ କିଣି ବଜାରରେ ବିକ୍ରି କରୁଛନ୍ତି। କେନ୍ଦୁଝର ଜିଲା ଖଣି ଅଞ୍ଚଳର ଯୋଡ଼ା ପୌରାଞ୍ଚଳ ଅଧୀନ ୬ ନଂ. ୱାର୍ଡର ଗଙ୍ଗାଙ୍କୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା। ଏ ସମ୍ପର୍କରେ ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଖଣି ଅଞ୍ଚଳ ଯୋଗୁ ପ୍ରାୟତଃ ୯୦ ପ୍ରତିଶତ ଲୋକ ଖଣି କାମରେ ନିୟୋଜିତ ରହିଥିଲେ। କିଛିବର୍ଷ ପୂର୍ବେ ଖଣିଗୁଡ଼ିକରେ ମେଶିନ ବ୍ୟବହାର ହୋଇଯିବାରୁ ଅନେକ ଶ୍ରମିକ ଶ୍ରେଣୀର ଲୋକ ରୋଜଗାର ହରାଇଲେ। ଏପରି ସ୍ଥଳେ ଗଙ୍ଗା ଖଣି ଅଞ୍ଚଳରେ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସ୍ଥାନୀୟ ଯୋଡ଼ା ଅଞ୍ଚଳବାସୀ ତଥା ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମହାନ୍ତି କହିଛନ୍ତି, ଖଣି ଅଞ୍ଚଳରେ ଦିନକୁ ଦିନ ଅଧିକ ଯାନ୍ତ୍ରିକ ଖଣି କରାଯାଉଥିବାରୁ ଶ୍ରମିକମାନଙ୍କୁ ଆଉ କାମ ମିଳୁନାହିଁ। ବ୍ୟାପକ ଖଣି ଖନନ ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ଜମିର ଉର୍ବରତା ନଷ୍ଟ ହେଉଛି। ତଥାପି ନିଜର ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ଗଙ୍ଗା ଖଣି ଅଞ୍ଚଳରେ ଜଣେ ସଫଳ ଚାଷୀ ରୂପେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଗଙ୍ଗାଙ୍କ ସ୍ତ୍ରୀ ସୁମିତ୍ରା ମୁଣ୍ଡା କୁହନ୍ତି, କାମଧନ୍ଦା ଅଭାବରୁ ଚାଷକାମକୁ ଆପଣେଇଛନ୍ତି। ତାଙ୍କୁ କିଛି ସରକାରୀ ପ୍ରୋତ୍ସାହନ ମିଳିଲେ ତାଙ୍କ ପରିବାର ଆହୁରି ଅଧିକ କିଛି କରିପାରନ୍ତେ ବୋଲି ସେ କହିଥିଲେ।



ବାଇଗଣ ବଗିଚାରେ ଗଙ୍ଗା ମୁଣ୍ଡା।

# ୧୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଆକାଶିଆ ଗଣ୍ଡି ଜବତ



ଜବତ କାଠ ଗଣ୍ଡି।

**ପାଟଣା,୧୭।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲି ପଶିବିଟ୍ ଜିଆଣି ସାହି ଜଙ୍ଗଲରୁ କଟାଯାଇ ଗଛିତ ଥିବା ୧୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଆକାଶିଆ ଗଣ୍ଡି ବନ ବିଭାଗ ଜବତ କରିଛି। ଘଟଣାରେ କାହାକୁ ଗିରଫ କରାଯାଇ ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ପାଟଣା ରେଞ୍ଜର କହିଛନ୍ତି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ଜିଆଣି ସାହି ଜଙ୍ଗଲରୁ ଆକାଶିଆ ଗଛ କାଟାଯାଉଥିଲା। ସ୍ଥାନୀୟ ଲୋକେ ଦେଖି ଡିଏଫ୍ଓ ଡି ହନୁମନ୍ତଙ୍କୁ ଖବର ଦେଇଥିଲେ। ଡିଏଫ୍ଓଙ୍କ ହସ୍ତକ୍ଷେପ ପରେ ପାଟଣା ରେଞ୍ଜର ଘାସିନାଥ ପାତ୍ର ଗାର୍ଡ ଓ ପାରାଷ୍ଟାଫଙ୍କ ସହ ଜଙ୍ଗଲରେ କଟାଯାଇଥିବା ସ୍ଥାନ ବୁଲି ଦେଖିଥିଲେ। ପରେ ସରାଶକୋଲା ଗ୍ରାମ ତୁଳସୀପୁର ସାହିରେ ଜଣଙ୍କ ବାରିରେ ଗଛିତଥିବା ୧୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଆକାଶିଆ ଗଣ୍ଡିକୁ ଜବତ କରିଥିଲେ। ଏ ନେଇ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ ବିଶେଷ ସୂତ୍ରରୁ ଖବର ପାଇ ଯାଞ୍ଚ କରାଯାଇଥିଲା। ଗଛିତ କାଠ ଜବତ ହୋଇ ତଦନ୍ତ ଜାରି ରହିଛି। ଏହାକୁ ସିଜ୍ କରି କର୍ପୋରେସନକୁ ଦିଆଯିବ ବୋଲି ସେ କହିଥିଲେ। ଏ ନେଇ ଡିଏଫ୍ଓଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଖବରପାଇ ପାଟଣା ରେଞ୍ଜରଙ୍କୁ କହିଛି, ସେ ତଦନ୍ତ କରି ରିପୋର୍ଟ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଗଛ ଗୁଡ଼ିକୁ ବିକ୍ରି କରିଥିବା ସରାସକୋଲା ପଞ୍ଚାୟତ ଜିଆଣି ସାହିର ଇନ୍ଦ୍ର ଦେହୁରୀଙ୍କୁ ପଚାରିବାରୁ ସେ କହିଥିଲେ, ମୋ ବାପାଙ୍କ ଅମଳରୁ ଏହି ଜମି ଆମେ ଦଖଲ କରିଛୁ। ଅଭାବ ହେବାରୁ ଗଛ ଗୁଡ଼ିକୁ କଣ୍ଟ୍ରାକ୍ଟରକୁ ବିକ୍ରି କରିଦେଇଛି ବୋଲି କହିଥିଲେ।

# ହସ୍ତଶିଳ୍ପୀଙ୍କୁ ସଚେତନ ପାଇଁ 'ଚଉପାଳ' କାର୍ଯ୍ୟକ୍ରମ




ହସ୍ତଶିଳ୍ପୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ, ୧୭।୧୧**

ବାଲେଶ୍ୱର ସହର କସ୍ତୁରବା ନାରୀସଂଘ ପରିସରରେ ଗୁରୁବାର ଭୁବନେଶ୍ୱରର ହସ୍ତଶିଳ୍ପ ସେବା କେନ୍ଦ୍ର ଦ୍ୱାରା ହସ୍ତଶିଳ୍ପୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ କରିବା ପାଇଁ 'ଚଉପାଲ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ହସ୍ତଶିଳ୍ପ ସେବାକେନ୍ଦ୍ରର ବରିଷ୍ଠ ସହାୟକ ନିର୍ଦ୍ଦେଶକ ଅଶୋକ କୁମାର ହୋତା ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ପାଇଁ ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ଭୁବନେଶ୍ୱର ଏଚ୍‌ପିଓ ଶୁଭଜିତ କର୍ମକାର ଅନଲାଇନ ପଞ୍ଜିକୃତ ସହ ବିକ୍ରି କରିବାର ଉପାୟ ବୁଝାଇଥିଲେ। ଓଡ଼ିଶା ଶିଳ୍ପୀ ମହାସଂଘ ସଭାପତି ଉଦୟ କୁମାର ମହାନ୍ତି, ଶିଳ୍ପୀ କେଶୁଦାସ ଯୋଗଦେଇ ଭାରତୀୟ ପାରମ୍ପରିକ ଖେଳ ଓ ଖେଳନାରେ ଗୁରୁତ୍ୱ ଦେଇ ବାଲେଶ୍ୱରୀ ଜଉକଣ୍ଢେଇର ବିକାଶ ଏବଂ ୨ଶହ ଶିଳ୍ପୀ ପାଇଁ ନୂଆ ଓ ବଡ଼ ଧରଣର ପ୍ରକଳ୍ପ କରିବାର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ। ବାଲେଶ୍ୱର ଏଚ୍‌ପିଓ ଦେବାଶିଷ ପାତ୍ର, ଏଚ୍‌ପିଓ କୁମାର ମାରାଣ୍ଡି ଯୋଗଦେଇ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପର ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ସରୋଜିନୀ ଦାସ, ବାସନ୍ତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱର ହସ୍ତଶିଳ୍ପ ସେବାକେନ୍ଦ୍ରର ଡିଜାଇନର ରାମାନୁଜ ବଇରିଗଞ୍ଜନ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସହ ରେମୁଣା, ବାହାନାଗା, ବାଲିଆପାଳ, ଔପଦା, ସିମୁଳିଆ, ନୀଳଗିରି ପ୍ରମୁଖ ବ୍ଲକର ଜଉକଣ୍ଢେଇ, ପଥର, ନଡ଼ିଆକତା, ଚାନ୍ଦୁଆ, ସବାଇଘାସ, ଝୋଟ, ଟେରାକୋଟା, ବେତବାଉଁଶ, କଂସା, ପିତ୍ତଳ ପ୍ରମୁଖ ୭୦ରୁ ଊର୍ଦ୍ଧ୍ୱ କାରିଗର ଯୋଗ ଦେଇଥିଲେ। ଶେଷରେ ୩୦ଜଣ ହସ୍ତଶିଳ୍ପୀଙ୍କୁ ଭାରତ ସରକାରଙ୍କ ହସ୍ତଶିଳ୍ପୀ ପରିଚୟପତ୍ର ପ୍ରଦାନ କରାଯାଇଥିଲା।

# ବଢୁଛି ଚୋରା ମଦ କାରବାର

## ଅବକାରୀ ବିଭାଗର ଅବହେଳାକୁ ନେଇ ଅସନ୍ତୋଷ

**ମୋରଡ଼ା, ୧୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ଅବାଧରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ଚାଲୁଥିବା ବେଳେ ଅବକାରୀ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହି ବ୍ଲକର ଭାଲୁକଚୁଆ, ଲଦଡ଼ିହି,ଭାଲୁବସା ଆଦି ଗ୍ରାମରେ ଦୈନିକ ହଜାର ହଜାର ଲିଟର ଦେଶୀ ମଦ ପ୍ରସ୍ତୁତ ହୋଇ ପଡ଼ୋଶୀ ପଶ୍ଚିମବଙ୍ଗ ଓ ବାଲେଶ୍ୱର ଜିଲାକୁ ଚାଲାଣ ହେଉଛି। ଅବକାରୀ ବିଭାଗ ସବୁ ଜାଣି ଚୁପ୍ ରହିବା ଅଞ୍ଚଳବାସୀଙ୍କୁ ଚକିତ କରିଛି। ସେହିପରି ବ୍ଲକ ଅଞ୍ଚଳକୁ ଅବାଧରେ ନକଲି ବିଦେଶୀ ମଦ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଚିତ୍ରଡ଼ା ବଜାର, ହଳଦୀପାଳ, ପାରିଆଉଡ଼ା, ମୋରଡ଼ା, ଝିଙ୍କିରିଆ, ଶିଳଦା ଢ଼ାବା ଏବଂ ଅନ୍ୟ ପ୍ରମୁଖସ୍ଥାନରେ ଅବାଧରେ ମଦ ବିକ୍ରି ହେଉଛି। ମଦ ବେପାରୀଙ୍କ ସହିତ ଅବକାରୀ ବିଭାଗର ସଲାସୁତରା ଯୋଗୁ ଚୋରା କାରବାର ବଢ଼ି ଚାଲିଥିବା ଅଭିଯୋଗ ହେଉଛି। କାଁଭାଁ କେଉଁଠି ଚଢ଼ାଉ କରି ବିଭାଗୀୟ ଅଧିକାରୀ ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ଅବକାରୀ ଅଧିକାରୀ ଏହି ଚଢ଼ାଉ ସମ୍ପର୍କରେ ଗଣମାଧ୍ୟମକୁ ତଥ୍ୟ ନ ଦେବା ତାଙ୍କ ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ମୋବାଇଲ ଟିମ ଓ ମୋରଡ଼ା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୨ ମଦ ବେପାରୀଙ୍କୁ ଗିରଫ କରାଯାଇଥିଲା। ପରେ ନୋଟିସ ଦେଇ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଏସମ୍ପର୍କରେ ଅବକାରୀ ଥାନା ଅଧିକାରୀ ଗଣମାଧ୍ୟମକୁ କୌଣସି ତଥ୍ୟ ନ ଦେବା ଘଟଣାରୁ ବିଭାଗର କାର୍ଯ୍ୟକଳାପକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଅବକାରୀ ଥାନା ଅଧିକାରୀ ପୀତାମ୍ବର ମହାପାତ୍ରଙ୍କୁ ପଚାରିବାରୁ ଚୋରାମଦ ବେପାରୀଙ୍କ ସହ ସଲାସୁତରା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି। ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଯାଉଛି ଓ ଚୋରା ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା କହିଛନ୍ତି।

# ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡ

## ମହିଳାଙ୍କୁ ବଳାତ୍କାର ମାମଲା

**କେନ୍ଦୁଝର,୧୭।୧୧(ସ୍ୱ.ପ୍ର.)**

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ଜଜ ମାନସ ମିଶ୍ର ଗୁରୁବାର ଏକ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ରାୟରେ ଜଣେ ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୬ ମାସ ଜେଲ ଆଦେଶ କରିଛନ୍ତି। ଅଭିଯୁକ୍ତ ହେଉଛନ୍ତି ଝାଟିପଡ଼ା ଗ୍ରାମର ମଦନ ଗୋପାଳ ବାରିକ (୩୫)। ପ୍ରକାଶ ଯେ, ୫ ଅଗଷ୍ଟ ୨୦୨୧ରେ ପାଟଣା ଥାନା ଅଞ୍ଚଳରେ ଅଭିଯୁକ୍ତ ଜଣେ ମହିଳାଙ୍କୁ ଘରେ ଏକୁଟିଆ ଥିବା ଦେଖି ଜୋରଜବରଦସ୍ତ ଗାଧୁଆଘରେ ବଳାତ୍କାର କରିଥିଲେ। ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ମହିଳାଙ୍କ ସ୍ୱାମୀ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାଟଣା ପୋଲିସ ଅଭିଯୋଗକୁ ଆଧାରରେ କେସ୍ ନଂ. ୧୧୭/୨୦୨୨, ଦଫା ୩୭୬ ଓ ୫୦୬ ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନ, ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ଉପରୋକ୍ତ ଦଣ୍ଡାଦେଶ କରିଥିବା ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ଜେନା କହିଛନ୍ତି। ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଆଦେଶ କରିଛନ୍ତି।

# ବିଜ୍ଞାନ ମେଳାରେ ୬୫ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

**ପଦ୍ମପୁର, ୧୭।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୧୪ତମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମାର୍କଣ୍ଡ ତରେଇ ଓ ରାଜଘରପୋଖରୀ ପଞ୍ଚାୟତର ସରପଞ୍ଚ ଅରୁଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଭାଗରେ ୬୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୨ଟି ବର୍ଗର ପ୍ରକଳ୍ପ ମଧ୍ୟରୁ ପ୍ରଥମ ବିଭାଗରେ ଶୁଭମ୍ ଘଡ଼େଇ ପ୍ରଥମ, ଆଦ୍ୟାଂଶୁ ବେହେରା ଦ୍ୱିତୀୟ ଏବଂ ଶୁଭଲକ୍ଷ୍ମୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ବିଭାଗରେ ଦିବ୍ୟରଞ୍ଜନ ସାହୁ ପ୍ରଥମ, ଦୀପ୍ତିମୟୀ ମିଶ୍ର ଦ୍ୱିତୀୟ ଓ ଗାୟତ୍ରୀ ପାଣି ତୃତୀୟ ହୋଇଥିଲେ। ମନୋରମା ଜେନା, ମନୋଜ ଦାସ, ସଂଯୁକ୍ତା ପାଡ଼ୀ, ମମତା ମଳିକ, ମମତା ବନ୍ଧ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷକ ସମସ୍ୟା ନେଇ ଜିଲାପାଳଙ୍କଠାରେ ଫେରାଦ

## ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଅଣାଯାଉ

**ବାରିପଦା ଅଫିସ,୧୭।୧୧**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପକଣ୍ଠ ବହଳଦା ବ୍ଲକ ଝରାଡ଼ିହି ସରକାରୀ ହାଇସ୍କୁଲରେ ନିଯୁକ୍ତି ପାଇଁ ଡେପୁଟେସନରେ ଯାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସୋମବାର ରାଇରଙ୍ଗପୁରଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ସମେତ ଗ୍ରାମବାସୀମାନେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ଶିକ୍ଷା ଅଧିକାରୀ ସମେତ ଉପଖଣ୍ଡ ଅଞ୍ଚଳର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବହୁ ପୁରାତନ ଝରାଡିହୀ ସରକାରୀ ହାଇସ୍କୁଲରେ ଶିକ୍ଷକ ସମସ୍ୟା ଦେଖାଦେଇଛି। ଏଠାରେ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଚଳିତ ବର୍ଷ +୨ ଖୋଲିବା ପରେ ବିଦ୍ୟାଳୟର ଶିକ୍ଷକ ସଂଖ୍ୟା ୨୫ରେ ସୀମିତ ରହିଛି। ସେମାନଙ୍କ ମଧ୍ୟରୁ ୧୦ଜଣ ଅନ୍ୟ ବିଦ୍ୟାଳୟରେ ଡେପୁଟେସନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଫଳରେ ଛାତ୍ରୀଛାତ୍ର ତୁଳନାରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ଅସୁବିଧା ହେଉଛି। ଦୀର୍ଘ ଦିନ ଧରି ପ୍ରଧାନ ଶିକ୍ଷକଙ୍କ ପଦବୀ ଫାଙ୍କା ପଡ଼ିଛି। ପ୍ରଶାସନଠାରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଶିକ୍ଷକ ଅଭାବ ପୂରଣ ହୋଇପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଓ ଅଭିଭାବକମାନେ କଡ଼ା ଚେତାବନୀ ଦେଇଛନ୍ତି।

# ୧୯ ମାସର ଦରମା ନ ପାଇ ଧାରଣା

**ଉଦଳା,୧୭।୧୧(ଡି.ଏନ.ଏ.)**

୧୯ ମାସର ଦରମା ନ ପାଇ ମୟୂରଭଞ୍ଜ ଜିଲା ଉଦଳା କଲେଜର ଡାଟା ଏଣ୍ଟ୍ରି ଅପରେଟର ଦେବାଶିଷ ବାରିକ ଗୁରୁବାର କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ଆଗରେ ସପରିବାର ଧାରଣା ଦେଇଥିଲେ। ୬ ଘଣ୍ଟା କାଳ ଧାରଣାରେ ବସିବା ପରେ କଲେଜ କର୍ତ୍ତୃପକ୍ଷ ତାଙ୍କ ଦରମା ଚେକ୍ ଆକାରରେ ପ୍ରଦାନ କରିବାରୁ ସେ ଧାରଣାରୁ ଉଠିଥିବା ସୂଚନା ମିଳିଛି। ଦେବାଶିଷ ବାରମ୍ବାର ଦରମା ପାଇଁ ଗୁହାରି କରିଥିଲେ ସୁଦ୍ଧା କଲେଜ ଅଧ୍ୟକ୍ଷ ତାଙ୍କୁ ଦରମା ପ୍ରଦାନ କରୁ ନ ଥିଲେ। ଅନ୍ୟପଟେ ତାଙ୍କ ପୁଅ ରୋଗାଗ୍ରସ୍ତ ହୋଇଥିବା ବେଳେ ତା'ର ଚିକିତ୍ସା ପାଇଁ ଟଙ୍କା ନ ଥିବାରୁ ଶେଷରେ ବାଧ୍ୟହୋଇ ଦେବାଶିଷ ରୋଗଗ୍ରସ୍ତ ଶିଶୁ ପୁତ୍ର ଓ ସ୍ତ୍ରୀଙ୍କ ସହ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ଆଗରେ ଧାରଣାରେ ବସିଥିଲେ।



ପରିବାର ସହ ଧାରଣାରେ ବସିଥିବା ଡାଟା ଏଣ୍ଟ୍ରି ଅପରେଟର ଦେବାଶିଷ ବାରିକ।

# ବିଦ୍ୟାଳୟ ଫାଟକରେ ତାଳା ପକାଇଲେ ଅଭିଭାବକ

- ଗଠନ ହେଉନି ନୂତନ ପରିଚାଳନା କମିଟି
- ଶିକ୍ଷୟିତ୍ରୀ, ଶିକ୍ଷକ ଅଟକ

**ରୂପସା, ୧୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ରାମଚନ୍ଦ୍ରପୁର ସରକାରୀ ୟୁଜିୟୁପି ବିଦ୍ୟାଳୟରେ ଗୁରୁବାର ଉତ୍ତେଜନା ଦେଖାଦେଇଛି। ଦୀର୍ଘଦିନ ଧରି ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠନ ହେଉ ନ ଥିବାରୁ ଅଭିଭାବକ, ଗ୍ରାମବାସୀ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବାହାରେ ଅଟକି ରହିଥିଲେ। ବିଦ୍ୟାଳୟରେ ହେଉଥିବା କାର୍ଯ୍ୟର ତଦାରଖ କରିବା ପାଇଁ କମିଟି ନ ଥିବାରୁ ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କର ମନମୁଖୀ କାର୍ଯ୍ୟର ଶିକାର ହେଉଛନ୍ତି। ପିଲାମାନଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ମନମୁଖୀ ଭାବେ ବିଦ୍ୟାଳୟକୁ ଆସୁଛନ୍ତି। ୨୦୨୧ ଜାନୁୟାରୀଠାରୁ ପୂର୍ବ କମିଟିର କାର୍ଯ୍ୟକାଳ ଶେଷ ହୋଇଛି। ଦୁଇବର୍ଷ ହେବ ନୂତନ କମିଟି ଗଠନ କରାଯାଉ ନ ଥିବାରୁ ଅସନ୍ତୋଷ ଲାଗିରହିଛି। ଗୁରୁବାର ଅଭିଭାବକ ଓ ଗ୍ରାମବାସୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅଟକ ରଖି ଗେଟରେ ତାଲା ପକାଇଥିଲେ। ଘଟଣା ସମ୍ପର୍କରେ ପଚାରିବାରୁ ନୂତନ କମିଟି ଗଠନ ପାଇଁ ବିଦ୍ୟାଳୟ ତରଫରୁ ବାରମ୍ବାର ଚେଷ୍ଟା କରାଯାଇଥିଲେ ବି ସରପଞ୍ଚଙ୍କ ଅନୁପସ୍ଥିତି ଯୋଗୁ ଏହା ସମ୍ଭବ ହୋଇପାରିନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଜେନା କହିଥିଲେ। ଶିକ୍ଷା ବିଭାଗର ହସ୍ତକ୍ଷେପ ପରେ ଏବଂ ଆସନ୍ତା ସୋମବାର ସୁଦ୍ଧା ନୂତନ କମିଟି ଗଠନ କରାଯିବା ଲାଗି ପ୍ରଧାନ ଶିକ୍ଷୟିତ୍ରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ସ୍କୁଲ ଗେଟ୍‌ରେ ଅଭିଭାବକମାନେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

**ଟ୍ୟୁଶନ ଯାଇ ଫେରିଲେନି ଛାତ୍ର**

ଖଇରା, (ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର(ଚାରିଘେରିଆ) ଗ୍ରାମର ନୀଳକଣ୍ଠ ପାଳଙ୍କ ପୁଅ ଶୁଭମ ପାଳକ(୧୬) ବୁଧବାର ସକାଳେ ଟ୍ୟୁଶନ ଯାଇ ଘରକୁ ଫେରି ନ ଥିବା ତାଙ୍କ ପିତା ନୀଳକଣ୍ଠ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ନବମ ଶ୍ରେଣୀରେ ପଢୁଥିବା ପୁଅ ସକାଳେ ଟ୍ୟୁଶନ ଯାଇ ଆଉ ଘରକୁ ଫେରିନାହିଁ। ସାହିପଡିଶା ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି ପରେ ମଧ ଖବର ମିଳିନାହିଁ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ୩୦ତମ ସିନିୟର ରାଜ୍ୟ ବଲ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ଉଦ୍‌ଘାଟନ, ସ୍ଥାନ: ଶ୍ରୀନିକ୍ସ କଲେଜ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୟା ବନ୍ଧୁମିଳନ ସମାରୋହ ନୀଳଗିରି-୨୦୨୨, ସ୍ଥାନ: ନୀଳଗିରି ଡାକବଙ୍ଗଳା ପରିସର, ସମୟ: ଦିବସବ୍ୟାପୀ।

## ୧୦ରୁ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ଢେଙ୍କିକୋଟ୍,୧୭।୧୧(ଡି.ଏନ.ଏ):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ଗ୍ରାମ ମୁସଲିମ ବସ୍ତିଠାରେ ଡିସେମ୍ବର ୧୦ ଓ ୧୧ ଦୁଇ ଦିନ ଧରି ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ସାନ୍ତରାପୁର ୟଙ୍ଗଷ୍ଟାର ୟୁଥ୍‌କ୍ଲବ ସଭାପତି ଏମ.ଡି ସାଦ୍ଦିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଘୋଷଣା କରାଯାଇଛି। ବୈଠକରେ ବସ୍ତିର ୫୦ରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଯୋଗ ଦେଇଥିବା ବେଳେ ରାଜ୍ୟସ୍ତରୀୟ ଭଲି ରେଫରୀ କଳାକର ସାମଲ, କେନ୍ଦୁଝର ଜିଲା ଯୁବ ବିଜେଡି ଉପସଭାପତି ଅତିଥିଭାବେ ଯୋଗଦେଇ ଶାନ୍ତି ଶୃଙ୍ଖଳାରେ ଟୁର୍ଣ୍ଣାମେଣ୍ଟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶର, ସୂର୍ଯ୍ୟଶିକ୍ଷା, ଭଦ୍ରକ, ରାଇଜିଙ୍ଗ କ୍ଲବ୍ ରାଉରକେଲା, ଚାନ୍ଦକ୍ଲବ୍ ପଣ୍ଡୁଆ, ସୁକିନ୍ଦା ମାଇନ୍ସ କ୍ଲବ, ଖୋର୍ଦ୍ଧା ରେଲୱେ ଭଳି ଟିମ୍ ଅଂଶ ଗ୍ରହଣ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ସଭାକୁ ସେକ ହାସିବୁଲ ହୋସେନ, ମଜାଫୁର, ସାହିଲ ଓ ଆଲିମ ଖାଁ ଓ ମହମ୍ମଦ ୱାହିଦ ପରିଚାଳନା କରିଥିଲେ।

## ନାବାଳିକା ଅପହରଣ ମାମଲାରେ ଜଣେ ଗିରଫ

**ଆନନ୍ଦପୁର,୧୭।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ନାବାଳିକା ଅପହରଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ଏସ.କେ.ଫଜଲ୍। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଆନନ୍ଦପୁର ପୌରପରିଷଦ ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରି ଗୁଜୁରାଟର ଅହମଦାବାଦକୁ ଚାଲାଣ କରିଥିଲେ। ନାବାଳିକାଙ୍କ ମାତା-ପିତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାର୍ଚ୍ଚ ୨ ରେ ନଂ. ୪୬/୨୨ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ଆରମ୍ଭ କରି ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ଫଜଲ୍ ଫେରାର ଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଆନନ୍ଦପୁର ପୋଲିସ ଅଭିଯୁକ୍ତଙ୍କ ଚାନ୍ଦବାଲି ଘରେ ଚଢ଼ଉ କରି ଗିରଫ କରିଥିବା ଥାନାଧିକାରୀ ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## 'ଶିକ୍ଷାର ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ା'

**ପଦ୍ମପୁର,୧୭।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତର କୃଷକ ସହଯୋଗ ନନ୍ଦକିଶୋର ଉଚ୍ଚ ବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ରାୟ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଧଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଆଞ୍ଚଳିକ ସାଧନ କର୍ମୀ ପ୍ରଦୀପ କୁମାର ନାୟକ, ସରପଞ୍ଚ ଲକ୍ଷ୍ମୀପ୍ରିୟା ସାମଲ, ସମିତିସଭ୍ୟ ପ୍ରିୟବନ୍ଧୁ ମାଝି, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣାନନ୍ଦ ଦାସ, ଭାଗୀରଥି ମହାନ୍ତି, ସୁରେନ୍ଦ୍ର ବେହେରା, ଗଣପତି ଦାସ, ଦୁର୍ଯ୍ୟୋଧନ ମଲିକ, ପୂର୍ବତନ ସରପଞ୍ଚ ବିପିନ ବେହେରା, ସାହିତ୍ୟିକ ବାଇଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜନସାଧାରଣଙ୍କ ସହଯୋଗ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଆନ୍ତରିକତା ଓ ଉଦ୍ୟମ ବଳରେ ଏହି ବିଦ୍ୟାଳୟ ସୁନାମ ଅର୍ଜନ କରିଛି। ଆଗାମୀ ଦିନରେ ଏହା ଅଞ୍ଚଳର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପରିଣତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ଶିକ୍ଷାର ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ଅଲେଖ ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ ଓ କୁଶଦେବ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଲା ପରିବେଷଣ କରାଯାଇଥିଲା।

# ହୋ ଭାଷାକୁ ସରକାରୀ ମାନ୍ୟତା ଦାବି

### ବାଙ୍ଗିରିପୋଷିରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯିବ ବାଇକ୍ ରାଲି

**ବାରିପଦା ଅଫିସ,୧୭।୧୧**

ଓଡ଼ିଶାରେ ହୋ ଭାଷାକୁ ସରକାରୀ ମାନ୍ୟତା ଦାବିରେ ଡ଼ିସେମ୍ବର ୧୬ରୁ ଏକ ବାଇକ୍ ରାଲି ଓ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ। ୭ଦିନ ବ୍ୟାପି ରାଲିରେ ଜିଲା ଓ ଉପଖଣ୍ଡସ୍ତରରେ ଦାବିପତ୍ର ପ୍ରଦାନ ପରେ ରାଲି ଭୁବନେଶ୍ୱରରେ ପହଞ୍ଚିବ। ଏଥିପାଇଁ ମୟୂରଭଞ୍ଜ ଜିଲାର ବହଳଦା ଏବଂ ବାଙ୍ଗରିପୋଷିଠାରୁ ଦୁଇଟି ବାଇକ୍ ରାଲି ବାହାରିବ ବୋଲି ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଜିଲା ସଭାପତି ବିର୍ସା କଣ୍ଡାକେଲ ସୂଚନା ଦେଇଛନ୍ତି। ହୋ ଭାଷା ଆନ୍ଦୋଳନକୁ ଅଧିକ ସକ୍ରିୟ କରାଯିବା ନିମନ୍ତେ କମିଟି ତରଫରୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ବହଳଦାରୁ ରଘୁବୀର କଣ୍ଡାକେଲ ବାହିନୀ ଓ ବାଙ୍ଗରିପୋଷିରୁ ମାଣ୍ଡୋ ସରଦାର ବାହିନୀ ଏହି ଦୁଇଟି ରାଲିର ନେତୃତ୍ୱ ନେବେ। ଏହି ସମୟରେ ବିଭିନ୍ନ ସ୍ଥାନରେ ଦସ୍ତଖତ ଅଭିଯାନ ସହିତ ଜିଲା ଏବଂ ଉପଖଣ୍ଡସ୍ତରରେ ଅଧିକାରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା, ସରକାରୀ ସ୍ତରରେ ବିଭକ୍ତ ହୋ ଭାଷାଭାଷୀମାନଙ୍କୁ 'ହୋ' ଜାତି ରୂପେ ଉଲ୍ଲେଖ କରିବା, ୮୦ ପ୍ରତିଶତରୁ ଅଧିକ ହୋ ଭାଷାଭାଷୀ ଛାତ୍ରୀଛାତ୍ର ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ବହୁଭାଷୀ ଶିକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ସ୍ୱତନ୍ତ୍ର ହୋ ଭାଷା ଶିକ୍ଷକ ନିଯୁକ୍ତ କରିବା, ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ହୋ ଭାଷାରେ ସ୍ନାତକୋତ୍ତର ଏବଂ ଏହାର ଅଧୀନସ୍ଥ ମହାବିଦ୍ୟାଳୟ ଗୁଡ଼ିକରେ ହୋ ଭାଷାରେ ସ୍ନାତକ ପାଠ୍ୟକ୍ରମ ପ୍ରଚଳନ କରିବା, ହୋ ଭାଷାଭାଷୀ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ହୋ ଭାଷାରେ ମାର୍ଗଦର୍ଶିକା ପୁସ୍ତକ ପ୍ରଚଳନ କରିବା ଆଦି ଦାବି ରହିଛି। ଏହା ସହିତ ହୋ ଭାଷାର ସରକାରୀ ମାନ୍ୟତା, ପ୍ରଗତି, ସଂହତି ଏବଂ ପରମ୍ପରାର ସୁରକ୍ଷା ପାଇଁ ଉକ୍ତ ଅଭିଯାନକୁ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗ କରିବାକୁ ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଲକ୍ଷ୍ୟ ରହିଛି ବୋଲି ସଭାପତି କଣ୍ଡାକେଲ କହିଛନ୍ତି।

## ନୂଆବଜାର ରାସ୍ତା ସମ୍ପ୍ରସାରଣ ଲାଗି ଜବରଦଖଲ ଉଚ୍ଛେଦ

**ଜଳେଶ୍ୱର, ୧୭।୧୧(ଡି.ଏନ୍.ଏ.)**



ସବୁ ଆକଳନର ଶେଷ ଘଟାଇ ସ୍ଥାନୀୟ ପ୍ରଶାସନ ନୂଆବଜାରର ୫୦ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିଛନ୍ତି। ରେଳ ଓଭରବ୍ରିଜ୍‌ଠାରୁ ୬୦ନଂ. ଜାତୀୟ ରାଜପଥ ବାଇପାସ୍ ଯାଏ ପୂର୍ତ୍ତ ବିଭାଗର ରାସ୍ତା ସମ୍ପ୍ରସାରଣ ହେଉଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ୫୭ନଂ. ରାଜ୍ୟ ରାଜପଥର ଜଳେଶ୍ୱରର ବଡବଜାରଠାରୁ ୬୦ନଂ. ଜାତୀୟ ରାଜପଥ ଯାଏ ଏବେ ରାସ୍ତା ସମ୍ପ୍ରସାରଣ ହେଉଛି । ରାସ୍ତା ମଝିରୁ ଦୁଇପଟକୁ ୧୫ମିଟର ମଧରେ ଥିବା ଜବରଦଖଲ ଉଚ୍ଛେଦ କରିବାକୁ ପୌରପାଳିକା ଓ ତହସିଲ ପକ୍ଷରୁ ଘୋଷଣା କରାଯାଇଥିଲା। ପୂର୍ତ୍ତ ବିଭାଗ ଏହି ରାସ୍ତାର ପ୍ରଶସ୍ତୀକରଣ କରୁଥିବାରୁ ପୂର୍ବରୁ ଜଳେଶ୍ୱର ତହସିଲଦାର ଓ ପୌରପାଳିକାକୁ ସବିଶେଷ ଜଣାଇଥିଲା। ଫଳରେ ବଡବଜାରର କେତେକ ସ୍ଥାନରେ ୧୫ ମିଟର ଲେଖାଏଁ ସ୍ଥାନ ଜବରଦଖଲ ମୁକ୍ତ କରିବା ଲାଗି ମାପଚୁପ ହୋଇଥିଲା। ନୂଆବଜାର ଅଞ୍ଚଳରେ ସେପରି ୧୫ ମିଟର ଲେଖାଏଁ ଉଚ୍ଛେଦ ହେବାର ଥିବା ବେଳେ ସ୍ଥାନୀୟ ନେତୃବୃନ୍ଦ, ବ୍ୟବସାୟୀ ସଂଘ ଓ ପ୍ରଶାସନ ମଧରେ ଆଲୋଚନା ହୋଇ ୧୩ ମିଟର ଲେଖାଏଁ ଉଚ୍ଛେଦ ହେବାର ନିଷ୍ପତ୍ତି ନିଆଯାଇଥିଲା। ଫଳରେ ବୁଧବାର ଦିନତମାମ ଏହି ଜବରଦଖଲ କାର୍ଯ୍ୟ ଲାଗିରହିଥିଲା। ଏଥିରେ ୧ ପ୍ଲାଟୁନ୍ ପୋଲିସ୍, ୨ଟି ଜେସିବି, ପୌରପାଳିକା କର୍ମଚାରୀ, ତହସିଲ କର୍ମଚାରୀ ଓ ପୂର୍ତ୍ତବିଭାଗ କର୍ମଚାରୀମାନେ ନିୟୋଜିତ ଥିଲେ। ପୌର ଅଧିକାରୀ ଅଜୟ ମହାପାତ୍ର, ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଅମ୍ଳାନ ନାୟକ, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ପଣ୍ଡା, କନିଷ୍ଠଯନ୍ତ୍ରୀ ନିହାର ରଞ୍ଜନ ବେହେରା, ଆଇଆଇସି ରୋଜାଲିନ ବେହେରା, ସଦର ଆର୍‌ଆଇ ଶରତ ବେହେରା, ଇନ୍ସପେକ୍ଟର ପ୍ରତାପ ଭଞ୍ଜ ଓ ଉଜ୍ଜ୍ୱଳ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଫେରିଗଲେ ଝାଡ଼ଖଣ୍ଡୀ ହାତୀପଲ

**ମୋରଡ଼ା,୧୭।୧୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଓ ବେତନଟୀ ରେଞ୍ଜ ଅଞ୍ଚଳରେ ମାସେ ହେଲା ଉତ୍ପାତ ଚଳାଇଥିବା ଝାଡ଼ଖଣ୍ଡୀ ହାତୀପଲ ଫେରିଯାଇଛନ୍ତି। ମଙ୍ଗଳବାର ରାତି ସାଢ଼େ ୧୦ଟାରେ ୬୫ ଟିକିଆ ଏହି ହାତୀପଲ ବେତନଟୀ ରେଞ୍ଜର ଶୁଖିଲା ଖାଲି, ଧାନଶୋଳ ଓ ଚୁଆଶୋଳ ଜଙ୍ଗଲରୁ ବାହାରି ଚିତ୍ରଡ଼ା ନିକଟ ଅସ୍ତିଆ, ଘୋଳମୁହାଁ, ଭାଲୁଘେରା, ମାଜଣା, ଡାହିସାହି, ଅନ୍ଧାରୀ, ବ୍ରାହ୍ମଣମରା ପରେ ପଶ୍ଚିମବଙ୍ଗ ସୀମାନ୍ତ ଗ୍ରାମ ବଡ଼ଶୋଳ ଜଙ୍ଗଲରେ ପ୍ରବେଶ କରିଥିବା ରେଞ୍ଜର ପ୍ରଶାନ୍ତ କୁମାର ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଆଉ ୨୯ ଟିକିଆ ଶିମିଳିପାଳ ହାତୀପଲ ବଡ଼ାମପୁର ନିକଟ ଜଙ୍ଗଲରେ ଅଛନ୍ତି। ବନ ବିଭାଗ କର୍ମଚାରୀମାନେ ସେମାନଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଝାଡ଼ଖଣ୍ଡୀ ହାତୀପଲ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଥିଲେ। ଦିନବେଳେ ଜଙ୍ଗଲ ଓ ରାତିରେ ଗାଁରେ ପଶି ଲୋକଙ୍କ ଧାନ ଚାଉଳ ଖାଇ ଦେଉଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଅନିଲ



@ବେଦ



@ଜ୍ୟୋତିଶଙ୍କର

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ନାଭାଲ ୟୁନିଟ୍‌ର ନୂତନ ପ୍ରାର୍ଥୀ ଚୟନ



ଚୟନ ହୋଇଥିବା ନାଭାଲ ୟୁନିଟ୍‌ର ନୂତନ ପ୍ରାର୍ଥୀ।

**ବାହାନଗା, ୧୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକର ରସାଳପୁର ସ୍ଥିତ ଡା.ଯଦୁନାଥ ମହାବିଦ୍ୟାଳୟ ପରିସରରେ ଚଳିତବର୍ଷ ନିମନ୍ତେ ନାଭାଲ ୟୁନିଟ୍‌ର ନୂତନ ପ୍ରାର୍ଥୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଜୟନ୍ତ କୁମାର ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। ଏଥିରେ ନାଭାଲ ଏନସିସି ବାଳିକା ବିଭାଗର ମୁଖ୍ୟ ସବ୍ ଲେଫ୍ଟନାଣ୍ଟ ଜ୍ୟୋସ୍ନା ଦାସ, ପିଓଏମଇ ଦୀପକ ପ୍ରଧାନ, ପିଓସିଓ ଏମ୍. ବିଜୟ କୁମାର ପ୍ରଧାନ ଉପସ୍ଥିତ ରହି ଚୟନ ଶିବିରକୁ ପରିଚାଳନା କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଦେଶସେବା କରିବା ଉଦ୍ଦେଶ୍ୟରେ ଏନସିସି ନାଭାଲ କ୍ୟାଡେଟ୍ ହେବା ନିମନ୍ତେ ଚୟନ ଶିବିରରେ ଉପସ୍ଥିତ ହୋଇଥିଲେ। ଶିବିରକୁ ନେଇ ଛାତ୍ରୀଛାତ୍ର ସମେତ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଥିଲା।

## ମଦ ଜବତ: ସତ ଲୁଚାଇଲା ଅବକାରୀ ବିଭାଗ

**ନୀଳଗିରି, ୧୭।୧୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଅବକାରୀ ବିଭାଗ ଓ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳର ଚଢ଼ାଉ କରାଯାଇ ମଦ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ପ୍ରଣବ କୁମାର ପୃଷ୍ଟି ଓ ପ୍ରଶାନ୍ତ କୁମାର ବାରିକ। ନିମପାଳ ଛକରୁ ୯ଲିଟର ବିଦେଶୀ ମଦ ଓ ୬ଲିଟର ବିଅର ଜବତ ହୋଇଥିବା ବେଳେ ଅଯୋଧା ଅଞ୍ଚଳରୁ ୧୨ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେହିପରି ସିଆଡ଼ିମାଳ ଅଞ୍ଚଳରୁ ଏକ ଦେଶୀ ମଦ ଭାଟିରୁ ୧୦୦ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୩ହଜାର ଲିଟର ପୋଚ ଜବତ କରାଯାଇଥିଲା। ତେବେ ବିପୁଳ ପରିମାଣର ମଦ ଜବତ କରାଯାଇଥିବା ବେଳେ ଅବକାରୀ ବିଭାଗ ସିଜର ଲିଷ୍ଟରେ କମ୍ ଦର୍ଶାଉଥିବା ନଜରକୁ ଆସିଛି। ଗୁରୁବାର ମଦ ଜବତ ହୋଇଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଅବକାରୀ କାର୍ଯ୍ୟାଳୟକୁ ତଥ୍ୟ ସଂଗ୍ରହ ଲାଗି ଯାଇଥିବା ବେଳେ ବିଭାଗୀୟ ଅଧିକାରୀ କମ୍ ପରିମାଣର ମଦ ଜବତ ହୋଇଥିବା କହିଥିଲେ। ତେବେ ଅବକାରୀ ବିଭାଗ ଗାଡିରେ ବୁରା ବୁରା ଭର୍ତ୍ତି ଥିବା ବିଅର ଓ ମଦ ବୋତଲ ଥିବା ଦେଖିବାକୁ ମିଳିଥିଲା। ତେବେ ଏସବୁ ଜିନିଷ କୁଆଡୁ ଆସିଲା ପଚରାଯିବାରୁ ଅଧିକାରୀମାନେ ହଡ଼ବଡ଼େଇ ଯାଇଥିଲେ।

## ପ୍ରଶିକ୍ଷଣ ପାଇଁ ମନୋନୀତ ୯୬୪ ଆଶାୟୀ



ଉଦ୍‌ଯାପନୀ ଦିବସରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

### ଜିଲାସ୍ତରୀୟ ନିଯୁକ୍ତି ମେଳା

**ଭଦ୍ରକ ଅଫିସ, ୧୭।୧୧**

ଭଦ୍ରକ କଲେଜ ଖେଳପଡ଼ିଆରେ ଆୟୋଜିତ ଦୁଇଦିନିଆ ଜିଲାସ୍ତରୀୟ ନିଯୁକ୍ତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନରେ ମୋଟ ୨,୪୩୩ ନିଯୁକ୍ତି ଆଶାୟୀ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୭୧୭ଜଣ କାଉନସିଲିଂରେ ଭାଗ ନେଇଥିଲେ। ମୋଟ ୯୬୪ଜଣ ପ୍ରଶିକ୍ଷଣ ପାଇଁ ମନୋନୀତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ଅବସରରେ ନିଯୁକ୍ତି ମେଳା ବେକାରୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ। ଜିଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଭଦ୍ରକ, ଚାନ୍ଦବାଲି, ବାସୁଦେବପୁର ଓ ତିହିଡ଼ି, ଉଦ୍‌ଯାପନୀ ଦିବସରେ ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକର ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ମେଳାର ସୁଯୋଗ ନେବାକୁ ଯୁବତୀ ଯୁବକଙ୍କୁ ପରାମର୍ଶ ଦେଇଥିଲେ।

## ଶହୀଦନଗରରେ ପ୍ରତିଷ୍ଠା ହେଉ ଥାନା

**ଧାମନଗର, ୧୭।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକର ଶହୀଦନଗରଠାରେ ଏକ ଥାନା ପ୍ରତିଷ୍ଠା ପାଇଁ ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ଗୁରୁବାର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଆଲୋଚନା କରିଛନ୍ତି। ବିଧାୟକ ଏସ୍‌ପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଟସାହି ଓ ଖପରପଦା ପଞ୍ଚାୟତର ମଧ୍ୟସ୍ଥଳରେ ଅବସ୍ଥିତ ଶହୀଦନଗର। ରାଜନୈତିକ ସମ୍ବେଦନଶୀଳ ଅଞ୍ଚଳ ସହ ଲୋକସଂଖ୍ୟା ଦୃଷ୍ଟିରୁ ଏଠାରେ ଏକ ଥାନା କିମ୍ବା ଫାଣ୍ଡିର ଆବଶ୍ୟକତା ରହିଥିବା ବିଧାୟକ କହିଥିଲେ। ଏନେଇ ଦୃଷ୍ଟି ଦେବେ ବୋଲି ଏସ୍‌ପି କହିଛନ୍ତି।

### ଏସ୍‌ପିଙ୍କୁ ଭେଟିଲେ ବିଧାୟକ



ଏସ୍‌ପିଙ୍କ କାର୍ଯ୍ୟାଳୟରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ।

## ଆପଦ ମିତ୍ର ତାଲିମ

**ବନ୍ତ,୧୭।୧୧(ଡି.ଏନ୍.ଏ.)**

ରାଜ୍ୟ ଓ ଭଦ୍ରକ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆୟୋଜନରେ ବନ୍ତ ବ୍ଲକ କାଦବରାଙ୍ଗ ଧବଳେଶ୍ୱର ମହିଳା ମହାସଂଘ ଜୀବିକା କେନ୍ଦ୍ରଠାରେ 'ଆପଦ ମିତ୍ର' ସ୍ୱେଚ୍ଛାସେବୀମାନଙ୍କର ୧୨ଦିନିଆ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ଜିଲା ଜରୁରୀ ଅଧିକାରିଣୀ ମନୋରମା ଜାଲି ଏହାକୁ ଉଦ୍‌ଘାଟନ କରିବା ଅବସରରେ ଗ୍ରାମାଞ୍ଚଳରେ ବିପର୍ଯ୍ୟୟ ପରିଚାଳନାରେ ଆପଦ ମିତ୍ରଙ୍କ ଭୂମିକା ବିଷୟରେ କହିଥିଲେ। ଅତିଥି ଭାବେ ବନ୍ତ ତହସିଲଦାର ଅଙ୍କିତା ବାରିକ ଯୋଗଦେଇ ଆପଦ ମିତ୍ର ସ୍ୱେଚ୍ଛାସେବୀ ତାଲିମ ସରକାରଙ୍କ ବିପର୍ଯ୍ୟୟ ପରିଚାଳନାର ଏକ ମାଇଲଖୁଣ୍ଟ ହେବ ବୋଲି ମତବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗର ଜିଲା ସଂଯୋଜକ ଅମ୍ଳାନ ସେନାପତିଙ୍କ ସଂଯୋଜନାରେ ଉଦ୍‌ଘାଟିତ ଏହି ଶିବିରରେ ପ୍ରଥମ ଦିନରେ ୪୦ଜଣ ସ୍ୱେଚ୍ଛାସେବୀ ତାଲିମ ନେଇଛନ୍ତି। ତାଲିମଦାତା ଭାବେ ଓଡ୍ରାଫ ସିଭିଲ ଓ ଅଗ୍ନିଶମ ବିଭାଗ ଅଧିକାରୀ ତାଲିମ ପ୍ରଦାନ କରିବେ।



## 'ଖବର ପରିବେଷଣ ବେଳେ ପକ୍ଷପାତିତା ଅନୁଚିତ'

**ବାଲେଶ୍ୱର ଅଫିସ, ୧୭।୧୧**

ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ ଷ୍ଟେଶନ କ୍ଲବ ସମ୍ମିଳନୀ କକ୍ଷରେ ବୁଧବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଅତିଥି ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା ଯୋଗଦେଇ ଜଣେ ଖବରଦାତା ଦେଶରକ୍ଷା କରୁଥିବା ସୈନିକଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। କୌଣସି ପ୍ରକାର ଖବର ପରିବେଷଣ କରିବା ବେଳେ ପକ୍ଷପାତିତା ସମ୍ବଳିତ ଖବର ପ୍ରକାଶ କରିବା ଅନୁଚିତ୍। ସମାଜର ହିତ ପାଇଁ ଖବରଦାତାମାନେ ଅତିରଞ୍ଜିତ, ଅଶ୍ଳୀଳ, ମନୋରଞ୍ଜନ ଧର୍ମୀ ଖବର ପ୍ରକାଶନ ବେଳେ ସମାଜ ଉପରେ ତାର କି ପ୍ରଭାବ ପଡୁଛି କି ନାହିଁ ସେ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ।



ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ।

ଉତ୍ସବରେ ଜିଲା ଶାଖା ସଭାପତି ଗଙ୍ଗାଧର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ଦେଶ ଗଠନରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା କରିଥିଲେ। ଅତିଥି ଭାବେ ଷ୍ଟେଶନ କ୍ଲବ ସଭାପତି ଗିରିଜା ଶଙ୍କର ଦାସ ଯୋଗଦେଇ ସାଧାରଣ ଜନତାଙ୍କୁ ନ୍ୟାୟ ଦେବାରେ ଖବରଦାତାମାନେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥାନ୍ତି ବୋଲି କହିଥିଲେ। ଉପଦେଷ୍ଟା ଶିବଦାସ କୁଣ୍ଡୁ, ମନୋଜ କୁମାର ରାଉଳ, ରାମନାରାୟଣ ଶତପଥୀ, ରଶ୍ମିରଞ୍ଜନ ଦାଶ, ଶିଶିର କୁମାର ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଉବାଚକ ମହାନ୍ତି, ଅମୀୟ କୁମାର ମହାନ୍ତି, ସମ୍ପାଦକ ଶୁଭେନ୍ଦୁ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିସହିତ ରତିକାନ୍ତ ପାତ୍ର, ପ୍ରସନ୍ନଜିତ୍ ଆଶ, ସେକ୍ ହାଇଦର, ଆଶୁତୋଷ ମଲ୍ଲିକ, ଅଜିତ କୁମାର ମହାନ୍ତି, ସୁରେଶ କୁମାର ଦାସ, ଅଧିପ ଜେନା, ମହେଶ୍ୱର ପ୍ରଧାନ ଓ ରବୀନ୍ଦ୍ର ମହାକୁଡ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ମାନସ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

